ନେହେରୁ ବାଳ ପୁସ୍ତକାଳୟ

ନଈ କଥା କହିଲା

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ନଈ କଥା କହିଲା

କମଳା ନାୟର
ଚିତ୍ରଃ
ଶଙ୍କର ସେନ୍
ଅନୁବାଦଃ
କଲ୍ୟାଣୀବାଳା ଦାସ

ନ୍ୟାସନାଲ୍ ବୁକ ଟ୍ରଷ୍ଟ, ଇଣ୍ଡିଆ, ନୂଆଦିଲ୍ଲୀ

Digitized by srujanika@gmail.com

1982 (ଶକାବ୍ଦ 1903)

© କମଲା ନାୟର, 1978

ମୂଲ୍ୟ-ଟ 2-50

THE DAY THE RIVER SPOKE (Oriya)

PUBLISHED BY THE DIRECTOR, NATIONAL BOOK TRUST, INDIA, A-5, GREEN PARK, NEW DELHI-16 AND PRINTED AT J. K. OFFSET PRINTERS 315, JAMA MASJID, DELHI-6.

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଜାନୁ ବାଉଁଶବାଡ଼ ଟପି ଧାନ କିଆରୀ ହିଡ଼େ ହିଡ଼େ ଯାଉଥିଲା । ତା' ଆଗରେ ଅସରନ୍ତି ସବୁଜ କୋମଳ ଧାନକ୍ଷେତ । ପୂର୍ବ ଦିଗରେ ନୀଳ ଓ ଧୂସର ରଙ୍ଗର ପାହାଡ଼ମାନେ ଗର୍ବର ସହିତ ଆକାଶରେ ମୁଣ୍ଡଟେକି ଛିଡ଼ା ହୋଇଥିଲେ । ପଶ୍ଚିମରେ ଧାନ କିଆରୀ ରେଳପଥ ସହିତ ମିଶି ଯାଇଥିଲା ଏବଂ ଆଗକୁ ଦକ୍ଷିଣ ଦିଗରେ ନଈ ନାଚି ନାଚି ଢାଲୁ ଢିପ ଓ ପଥର ଟପି ସମୁଦ୍ରକୁ ବହି ଚାଲିଛି ।

Digitized by srujanika@gmail.com

Digitized by srujanika@gmail.com

ସେ ଅବଶ୍ୟ ସମୁଦ୍ର ଦେଖି ନ ଥିଲା । କିନ୍ତୁ କେଉଟ ଚନ୍ଦୁଠାରୁ ସେ ଅନେକ କଥା ଶୁଣିଥିଲା । ନଈ କିପରି ସମୁଦ୍ର ଆଡ଼କୁ ଯାଏ ଏବଂ ନଈ ମୁହାଣରେ ସେ କିପରି ନିପୁଣ ଭାବେ ନାଆ ଚଳାଏ । ସମୁଦ୍ରରୁ କିପରି ଭାବେ ନାଆ ଚଳାଇ ପୁଣି ନଈକୁ ଆସେ ସେ କଥା ଶୁଣି ଏବଂ ସେ ସାଙ୍ଗରେ ଆଣିଥିବା ଅନେକ ମାଛ ଦେଖି କାନୁ ବହୁତ ଆଶ୍ଚର୍ଯ୍ୟ ହେଉଥିଲା । ଚନ୍ଦୁ ଆଣୁଥିବା ଶାମୁକା ଏବଂ ଚକ୍‌ଚକ୍ କରୁଥିବା ସାର୍ଡିନ୍ ମାଛ ତାଁ ଗାଆଁର ସମସ୍ତେ ଖୁବ୍ ପସନ୍ଦ କରୁଥିଲେ । ସିଏ ଆଣିଥିବା କୋକ୍‌ଲି ମାଛକୁ ସଫାକରି ଏବଂ ଲୁଣ ଦେଇ ସେମାନେ ରୋଷେଇଘରେ ତାଳପତ୍ର ଟୋକେଇରେ ଝୁଲାଇ ରଖୁଥିଲେ ।

ନଈର ଦୁଇପାଖରେ ଏବଂ ଧାନ କ୍ଷେତର ଧାରେ ଧାରେ ନଡ଼ିଆ ଗଛ ଗୁଡ଼ିକ ଥିଲା । ଏହାର, ବାହୁଙ୍ଗା ଗୁଡ଼ିକ ସୂର୍ଯ୍ୟ କିରଣରେ ଚଢେଇର ପର ପରି ଦେଖା ଯାଉଥିଲା । ପାହାଡ଼ ଉପରୁ ଯେତେବେଳେ ବିରାଟ ରୂପାଥାଳି ପରି ଜହ୍ନ ଉଠୁଥିଲା, ସେତେବେଳେ ଏହି ବାହୁଙ୍ଗା ଗୁଡ଼ିକ ସତେ ଯେପରି ଜହ୍ନ ଆଲୁଅରେ ଭିଜି ଯାଉଥିଲେ ଏବଂ ଚକ୍ ଚକ୍ କରି ଉଠୁଥିଲେ । ଧୀର ପବନ ଯେତେବେଳେ ନଈ କୂଳରେ ଥିବା ବାଉଁଶ ବୁଦା ଭିତର ଦେଇ ବହୁଥିଲା, ସେଥିରୁ ଏକ ମଧୁର ଧ୍ୱନୀ ଆସୁଥିଲା । ମନେ ହେଉଥିଲା, ବାଉଁଶ ଗଛ ଗୁଡ଼ିକ ଯେପରି ଖୁସିରେ ଗୀତ ଗାଉଛନ୍ତି ।

Digitized by srujanika@gmail.com

ଝାନ୍ଟୁ ବର୍ତ୍ତମାନ ତାର ଗତି ଟିକିଏ ଧିମେଇ ଦେଇଥିଲା । ସମୁଦ୍ରଆଡୁ ବୋହି ଆସୁଥିବା ଲୁଣି ପବନ ତାର ନାକରେ ବାଜୁ ଥିବାରୁ ସେ ଅସ୍ୱସ୍ତି ବୋଧ କରୁଥିଲା । ବେଳେବେଳେ ସେ ଅଟକିଯାଇ ତଳୁ ଛୋଟ ଛୋଟ ଚେପ୍‌ଟା ପଥର ଗୁଡ଼ିକ ଗୋଟାଉଥିଲା । ଏହି ପଥର ଗୁଡ଼ିକ ସେ ଜମାକରି ମୀନା ଘରେ ଥିବା ପୋଖରୀର ସ୍ଥିର ପାଣିରେ ପକାଉଥିଲା । ପାଖରେ ଥିବା ଶିମୁଳି ଗଛ ରଙ୍ଗରେ ଯେପରି ଫାଟି ପଡୁଥିଲା ଏବଂ କୃଷ୍ଣଚୂଡ଼ା ଗଛର ଅଙ୍କାବଙ୍କା ଶାଖା ଗୁଡ଼ିକ ଫୁଲରେ ଭରି ଯାଇଥିଲେ । ଝାନ୍ଟୁ ଦୁଇଟି ଫୁଲ ଆଣି ସେଗୁଡ଼ିକର ପାଖୁଡ଼ା ଖୋଲିଲା । ଫୁଲ ଦୁଇଟି ବର୍ତ୍ତମାନ କାନରେ ପିନ୍ଧିବା ରିଙ୍ଗ୍ ପରି ଦେଖାଯାଉଥିଲେ । ଫୁଲଗୁଡ଼ିକ ତାଜା ସୁନ୍ଦର ଏବଂ ସୁଗନ୍ଧିତ ଥିଲା । ଝାନ୍ଟୁ କିଛି ଫୁଲ ଆଣି ମୁଣ୍ଡ ବାଳରେ ମଧ୍ୟ ଲଗାଇଲା ।

ଏହି ସମୟରେ ଝାନ୍ଟୁ ଲକ୍ଷ୍ୟକଲା, ଗୋଟିଏ ଛୋଟ ହଳଦିଆ ରଙ୍ଗର ବୁଢ଼ିଆଣୀ ସୁନେଲି ରଙ୍ଗର ଫୁଲଟିଏ ଉପରେ ବସିଛି । ସେ ପ୍ରଥମେ ଡ଼ରିଯାଇ ଟିକିଏ ପଛକୁ ହଟିଗଲା । ତା'ପରେ ଫୁଲଟିକୁ ହଲଇବାରୁ ବୁଢ଼ିଆଣୀଟି ଗୋଟିଏ ଲମ୍ବା ସୂତା ଟାଣି ତଳକୁ ଖସି ପଡ଼ିଲା । ବୁଢ଼ିଆଣୀଟି ପ୍ରକୃତରେ ଖୁବ୍ ଛୋଟ ଥିଲା । ଝାନ୍ଟୁ ମନକୁ ମନ କହିଲା "ଏପରି ସୁନ୍ଦର ବୁଢ଼ିଆଣୀ ମୁଁ ଆଗରୁ ଦେଖି ନ ଥିଲି । ଏଇଟି ବେଶ୍ ହଳଦିଆ, ଠିକ୍ ଗୋଟିଏ ଫୁଲ ପରି ଦେଖାଯାଉଛି ।" ଝାନ୍ଟୁ ଆଗରୁ ମାଟିଆ ରଙ୍ଗର ବୁଢ଼ିଆଣୀ ଦେଖିଥିଲା । ବଡ଼ ବଡ଼ କଳା ବୁଢ଼ିଆଣୀ ଗୁଡ଼ିକୁ ସେ ସବୁବେଳେ ଭୟ କରୁଥିଲା । କିନ୍ତୁ ଏପରି ସୁନ୍ଦର ରଙ୍ଗର ବୁଢ଼ିଆଣୀ ସେ ଆଗରୁ କେବେ ଦେଖି ନ ଥିଲା ।

ଝାନ୍ଟୁ ନଈ କୂଳରେ ପହଞ୍ଚି ତାର ପୂର୍ବ ପରିଚିତ ପଥର ଉପରେ ବସି ପଡ଼ିଲା । ଚିବୁକଟି ତାର ଦୁଇ ହାତ ମଧ୍ୟରେ ଥିଲା । ତାର ଚିଗ ଚିଗ ଉଜ୍ଜଳ ଆଖି ଦୁଇଟିରେ ମାଆ କଜଳ ଲଗେଇ ଦେଇଥିଲେ ଏବଂ ମୁଣ୍ଡର ବାଳକୁ ଗୋଟିଏ ଗଣ୍ଠି କରି ବାନ୍ଧି ଦେଇଥିଲେ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଏହି ସମୟରେ ଗୋଟିଏ ଶାଗୁଆ ରଙ୍ଗର ଝିଂଟିପିଟି ପଥର ତଳୁ ବାହାରି ବାଉଁଶ ବୁଦା ମଧ୍ୟରେ ଲୁଚିଗଲା । ଦୂରରୁ କଂସାରୀର ଢଙ୍ଗ ଢଙ୍ଗ ଶବ୍ଦ ଶୁଣାଯାଉଥିଲା । ନୀରବତା ମଧ୍ୟରେ ନଈ କୁଳୁକୁଳୁ ଧ୍ୱନୀ କରି ବୋହି ଚାଲିଥିଲା । ଜାନୁ ଅନୁଭବ କଲା ଏକୁଟିଆ ବସି ନିଜ ସହିତ କଥା କହିବା ଖୁବ୍ ଆନନ୍ଦ ଦାୟକ । ଏହା ଆଗରୁ ସେ କେବେ ହଳଦିଆ ରଙ୍ଗର ବୁଢିଆଣୀ ଦେଖି ନ ଥିଲା । ହଳଦିଆ ରଙ୍ଗର ବୁର୍ଢିଆଣୀ ଗୁଡ଼ିକ କାହିଁକି ହଳଦିଆ ଫୁଲ ଭିତରେ ଲୁଚି ରହନ୍ତି ? ଏ ବିଷୟରେ ସେ ଏଟାନ୍‌ଠାରୁ ପଚାରି ବୁଝିବ ।

ଏଟାନ୍ ସ୍କୁଲକୁ ଯାଉଥିଲା । ସେଠାରେ ଶିକ୍ଷକ ତାକୁ ଲେଖାପଢା ଶିଖାଉଥିଲେ । ସେ ବାରଣ୍ଡାରେ ବସି ତାର ପାଠକୁ ବାରମ୍ବାର ଉଚ୍ଚସ୍ୱରରେ ଆବୃତି କରୁଥିଲା । ଜାନୁ ଲକ୍ଷ୍ୟ କରିଥିଲା, ତା' ଗାଁଆର ସବୁ ପୁଅ ସ୍କୁଲକୁ ଯାଉଛନ୍ତି କିନ୍ତୁ ସବୁ ଝିଅ ଯାଉନାହାନ୍ତି ।

Digitized by srujanika@gmail.com

Digitized by srujanika@gmail.com

ମୀନା ଅବଶ୍ୟ ସ୍କୁଲକୁ ଯାଉଥିଲା, କିନ୍ତୁ ତା କଥା ଥିଲା ଅଲଗା । ତାର ବାପା ଗାଆଁର ମୁଖିଆ ଥିଲେ ଏବଂ ତା'ର ଆଉ ଭାଇ ଭଉଣୀ କେହି ନ ଥିଲେ । ତା'ର ମାଆ ରେଳଗାଡ଼ିରେ ବସି ଯେତେବେଳେ ବଡ଼ ସହରକୁ ଯାଉଥିଲେ ସେତେବେଳେ ସୁନେଲି ଜରି କାମ ହୋଇଥିବା ବ୍ଲାଉଜ ପିନ୍ଧୁଥିଲେ । ତାଙ୍କର ଗୋଟିଏ ସୁନ୍ଦର କଳାରଙ୍ଗର ଛତା ଥିଲା । ମୀନାର ମଧ୍ୟ ଗୋଟିଏ ଛୋଟ କଳା ଛତା ଥିଲା । ସେଥିରେ ଲାଲସୂତାରେ ସୁନ୍ଦର କାମ ହୋଇଥିଲା । ତାଙ୍କ ଗ୍ରାମର ଅଧିକାଂଶ ଲୋକ ତାଳ ପତ୍ରରେ ବୁଣା ବଡ଼ ବଡ଼ ଟୋପିକୁ ଛତା ରୂପେ ବ୍ୟବହାର କରୁଥିଲେ । ଏହି ଟୋପି ପିନ୍ଧି ବର୍ଷାଦିନରେ ବିଲରେ କାମ କରିବା ବେଶ୍ ସହଜ କାରଣ ଦୁଇଟିଯାକ ହାତ କାମ କରିବା ପାଇଁ ବ୍ୟବହାର କରିହୁଏ । କିନ୍ତୁ କଳାଛତାଟିଏ ପାଖରେ ଥିଲେ କେତେ ଖୁସୀର କଥା ।

ଜାନୁ ଥରେ ତା'ର ମାଆକୁ ପଚାରିଥିଲା, "ମାଆ, ଏଟାନ୍ ଓ ମୀନା ପରି ମୁଁ କାହିଁକି ସ୍କୁଲକୁ ଯିବିନି ?" "ଏଟାନ୍"ର ଅର୍ଥ ହେଲା ବଡ଼ଭାଇ । ଏଣୁ ଜାନୁ ତାର ଭାଇକୁ "ଏଟାନ୍" ବୋଲି ଡ଼ାକୁଥିଲା । ତାର ଭାଇର ପ୍ରକୃତ ନାମ ଗୋପୀ । ଜାନୁର ପ୍ରଶ୍ନ ଶୁଣି ତା'ର ମାଆ କହିଥିଲେ ବର୍ତ୍ତମାନ ତୁ ଖୁବ୍ ଛୋଟ ପିଲା ତୁ ଟିକିଏ ବଡ଼ ହୋଇଗଲେ ଦେଖିବା ।

ଜାନୁ ଯେତେବେଳେ ପାଞ୍ଚ ବର୍ଷର, ସେତେବେଳେ ଛୋଟ ରାମୁ ଜନ୍ମ ହେଲା । ତା'ର ମାଆ କହିଲେ, "ଆଉ ବର୍ଷେ ଦେଖିବା । ବର୍ତ୍ତମାନ ଯେତେବେଳେ ମୁଁ ବିଲକୁ ଯାଉଛି, ତୁ ଛୋଟ ଭାଇଟିକୁ ଘରେ ଦେଖାଶୁଣା କର ।" କ୍ରମେ କ୍ରମେ ରାମୁ ଦୁଇବର୍ଷର ଏବଂ ତିନି ବର୍ଷର ହେଲା । ଜାନୁ ପୁଣି କାନ୍ଦି ସ୍କୁଲକୁ ଯିବା କଥା ଉଠାଇବାରୁ ତା'ର ମାଆ କହିଲେ, "କାନ୍ଦ ବନ୍ଦ କର । ଏଟାନ୍ ସ୍କୁଲକୁ ଯାଉଛି, କାରଣ ସେ ପୁଅପିଲା । ପୁଅ ପିଲାମାନେ ଲେଖାପଢା ଶୀଘ୍ର ଶିଖିବା ଉଚିତ ତୁ ତ ମୋର ସୁନା ଝିଅ । ଚାଉଳ ବାଛିବା ଓ କାଠ ଆଣିବା କାମରେ ତୁ ମୋତେ ସାହାଯ୍ୟ କର । ରାମୁ ଯେପରି ଚଗଲା ନ ହୁଏ ତାହା ଦେଖାଶୁଣା କର ।"

Digitized by srujanika@gmail.com

Digitized by srujanika@gmail.com

ଜାନୁ ଉତ୍ତର ଦେଲା, "ମୀନା ତ ପୁଣ ଝିଅ ପିଲା, ସେ କିପରି ସ୍କୁଲକୁ ଯାଉଛି ?" ଇତି ମଧ୍ୟରେ ଜାନୁର ବାପା କ୍ଷେତରୁ ଫେରି ଆସିଥିଲେ । ସେ କହିଲେ, "ମୀନା ବାପାର ବହୁତ ପଇସା ଅଛି । ଝିଅମାନଙ୍କର ସ୍କୁଲ ଯିବା କ'ଣ ଦରକାର ? ସେମାନେ ରନ୍ଧାବଢା କରିବା, ଘର ସଫା କରିବା, ଧାନ କୁଟିବା ଏବଂ ଧାନ ଅମଳରେ ସାହାଯ୍ୟ କରିବା ଉଚିତ ।" ଗୋଟିଏ କଣରେ ବଡ଼ବାପା ମସିଣା ପକାଇ ଶୋଇଥିଲେ । ସେ ଉଠିପଡ଼ି କହିଲେ , "କଥା କଣ ? ଘର କାମରେ ମନ ନାହିଁ ? ତା ପାଇଁ ବାଉଁଶ ବେତ ଦରକାର ।" ଏତିକି କହୁ କହୁ ପାନପିକ ଗଳାରେ ଅଟକି ଯିବାରୁ ସେ ଶ୍ୱାସରୁଦ୍ଧ ହୋଇ ପଡ଼ିଲେ । ମାଆ ଦୌଡ଼ି ଆସି ତାଙ୍କର କାଶ ବନ୍ଦ କରିବା ପାଇଁ ପିଠିକୁ ଆଉଁସି ଦେଲେ । ଜାନୁର କଥା କେହି ଶୁଣୁ ନ ଥିବାରୁ ସେ ପ୍ରାୟ କାନ୍ଦ କାନ୍ଦ ହୋଇ ଆସୁଥିଲା । ସେ ବାପାଙ୍କୁ କହିଲା, "ମୁଁ ପ୍ରତିଜ୍ଞା କରୁଛି, ସ୍କୁଲରୁ ଫେରିବା ପରେ ସବୁକାମ କରିବି ।" କିନ୍ତୁ ତା'ର ମାଆ କହିଲେ, "ଛୋଟ ରମୁର ଦେଖାଶୁଣା ତେବେ କିଏ କରିବ ?" ଜାନୁ ଦୀର୍ଘ ନିଶ୍ୱାସ ପକାଇ ତା'ର ମାଆ ଆଡ଼କୁ ଚାହିଁଲା, ଠିକ୍ ଯେମିତି ରମୁ ଜନ୍ମ ହେବା ଆଗରୁ ସେ ତାର ମାଆକୁ ଦେଖୁଥିଲା ।



Digitized by srujanika@gmail.com

ମାଆ କଥା ବୁଲେଇ ଟିକିଏ ନରମ ହୋଇ କହିଲେ, "ଗଲୁ, ଚନ୍ଦୁ ପାଖରୁ କିଛି ମାଛ କିଣି ଆଣିବୁ ।" ମାଆ ଦେଇଥିବା ପଇସା ନେଇ ଜାନୁ ପଡ଼ିଆ ବାଟେ ଚନ୍ଦୁ ପାଖକୁ ଗଲା । ସେ ଯେତେବେଳେ ଚନ୍ଦୁକୁ କହିଲା ସେ ମଧ୍ୟ ଏଟାନ୍ ପରି ସ୍କୁଲକୁ ଯିବାକୁ ଚାହେଁ, ଚନ୍ଦୁ ଶୁଣି ହସିଲା । ସେ ପଚାରିଲା, "ସ୍କୁଲରେ ତୁ କ'ଣ କରିବୁ ? ବଡ଼ ପାଟିକରି ପାଠ ଘୋଷିବୁ ? ମୋ ମତରେ, ଏସବୁ ଖାଲି ସମୟ ନଷ୍ଟ କରିବା କଥା । ହଁ ଯଦି ତୁ କହୁ, ମୋତେ ଜାଲ ବୁଣିବା ଏବଂ ମାଛ ଧରିବା ଶିଖାଇ ଦିଅ, ତାହା ହେଲେ ତା'ର କିଛି ଅର୍ଥ ଅଛି । କହିଲା କ'ଣ ନା ମୁଁ ସ୍କୁଲ ଯିବି ।" ଚନ୍ଦୁ ପାଣି ଭିତରକୁ ପଟକରି ମୋଖାଏ ଛେପ ପକଉ ପକଉ କହିଲା ।

ମାଛ ଗୁଡ଼ିକୁ ଗୋଟିଏ କାଗଜରେ ଗୁଡ଼ାଇ ଚନ୍ଦୁ କହିଲା, "ନେ, ଶୀଘ୍ର ଘରକୁ ଯା, କିପରି ଭଲ ଘରଣୀଟିଏ ହେବୁ ତାହା ଚେଷ୍ଟାକର । ହଁ, ମାଆକୁ ଯାଇ କହିବୁ, ଛୋଟ ମାଛ ଆଜି କାଲି କମ ପଡୁଛି । ଆରଥରକୁ ବି ବଡ଼ମାଛ ନେବାକୁ ପଡ଼ିବ ।"

ଏଟାନ୍‌କୁ ୧୨ ବର୍ଷ ହୋଇ ଯାଇଥିଲା ଏବଂ ସେ କ୍ରମେ ବଡ଼ ହୋଇ ଯାଇଥିଲା । ଗମୁ ମଧ୍ୟ ୫ ବର୍ଷର ହୋଇ ଯାଇଥିଲା । ସେ ମଧ୍ୟ ସ୍କୁଲକୁ ଯାଉଥିଲା । ଜାନୁ ନିଜେ ୧୦ ବର୍ଷର ହୋଇଥିଲା । ସେ ଘରେ ସବୁଠାରୁ

Digitized by srujanika@gmail.com

Digitized by srujanika@gmail.com

ଛୋଟପୁଅ ଆପୁର ଦେଖାଶୁଣା କରୁଥିଲା । ବେଳେବେଳେ ମାଆଙ୍କୁ ଲୁଚି ସେ ବାଡ଼ ଫାଙ୍କ ମଧ୍ୟ ଦେଇ ନଈ କୂଳକୁ ଖସି ଆସୁଥିଲା । ନଈ କୂଳରେ ସବୁ କିଛି ଶାନ୍ତ ଓ ନିସ୍ତବ୍ଧ ଥିଲା ଏବଂ ତାକୁ ଏ ଯାଗା ଖୁବ ଭଲ ଲାଗୁଥିଲା । ଆଜି କିନ୍ତୁ ଅନ୍ୟ ଦିନ ପରି ନ ଥିଲା ।

ବଡ଼ ବଡ଼ ଉଜ୍ଜ୍ୱଳ ଲୁହ ଟୋପା ଗୁଡ଼ିକ ଗୋଟିକ ପରେ ଗୋଟିଏ ଜାନୁର ଗାଲ ଉପରେ ଖସି ପଡୁଥିଲେ । ଏହି ସମୟରେ ଗୋଟିଏ ମାଛରଙ୍କା ତଳକୁ ଉଡ଼ି ଆସିଲା । ତାର ଡ଼େଣା ଦୁଇଟି ସୂର୍ଯ୍ୟ କିରଣରେ ଉଜ୍ଜ୍ୱଳ ନୀଳରଙ୍ଗର ତୀର ପରି ଦେଖା ଯାଉଥିଲା । ସବୁଜ ରଙ୍ଗର ଝିଂଟିପିଟି ମଧ୍ୟ ନଈ କୂଳକୁ ଆସି ସୂର୍ଯ୍ୟ କିରଣ ଉପଭୋଗ କରୁଥିଲା । ଏହି ସମୟରେ ଗୋଟିଏ ଧୀର ମଧୁର ଗଳା କହି ଉଠିଲା, "ସୁନା ଝିଅଟି, କଥା କ'ଣ ?" ଜାନୁର ଧ୍ୟାନ ଭଙ୍ଗି ଗଲା । ସେ ସେଠାରେ ଏକୁଟିଆ ଅଛି,

Digitized by srujanika@gmail.com

ଏ ବିଷୟରେ ନିଶ୍ଚିତ ଥିଲା । ସେ ଭାବିଲା, ଏଟା ଝିଂଟିପିଟିର ଶବ୍ଦ ହୋଇ ନ ପାରେ । ମାଛରଙ୍କା ପକ୍ଷୀଟି ଇତି ମଧ୍ୟରେ ବାଉଁଶ ଗଛ ଉପରେ ବସି ଧରିଥିବା ମାଛ ଖାଉଥିଲା । ଶବ୍ଦଟା ଶୁଆର ସ୍ୱର ମଧ୍ୟ ହୋଇ ନ ପାରେ କାରଣ ତାହା ଶୁଣିବାକୁ କର୍କଶ । କିନ୍ତୁ ସେ ଶୁଣୁଥିବା ଶବ୍ଦ ବେଶ୍ ମୃଦୁ ଥିଲା । ସେ ଚାରିଆଡ଼କୁ ଅନାଇଲା । କୌଣସି ଜୀବଜନ୍ତୁ ଆଖପାଖରେ ସେ ଦେଖିଲା ନାହିଁ । ସେ ଭୟ ପାଇ ଦଉଡ଼ି ଚାଲିଯିବାକୁ ଚାହିଁଲା ।

ସେ ସ୍ୱର ପୁଣି କହି ଉଠିଲା, "ଜାନୁ, ତୋର କିନ୍ତୁ କାନ୍ଦିବା ଉଚିତ ନୁହେଁ । ତୁତ ପ୍ରାୟ ପ୍ରତ୍ୟେକ ଦିନ ମୋତେ ଦେଖିବାକୁ ଆସୁଛୁ, ତୋର ଭୟ ପାଇବା ଉଚିତ ନୁହେଁ ।" ଜାନୁ କିଛି ଜାଣି ପାରିଲା ନାହିଁ । ଶବ୍ଦଟା ନଦୀର କୁଳୁକୁଳୁ ଧ୍ୱନୀ ପରି ମୃଦୁ ମନେ ହେଉଛି ।

Digitized by srujanika@gmail.com

ଏଟା କିନ୍ତୁ ନଦୀର ସ୍ୱର ହୋଇ ନ ପାରେ ! ପ୍ରକୃତରେ ଏହି ସ୍ୱର ନଦୀର ଥିଲା ଓ ନଦୀ ପୁଣି କହି ଉଠିଲା, "ଆଚ୍ଛା, ମୋତେ ଶୀଘ୍ର ସବୁକଥା ଖୋଲି କହ । ତୁ ତ ଜାଣୁ, ମୋତେ ଶୀଘ୍ର ସମୁଦ୍ରରେ ପହଞ୍ଚିବାକୁ ପଡ଼ିବ ।"

ଜାନୁ କହିଲା, "ସେମାନେ ମୋତେ ସ୍କୁଲକୁ ଯିବାକୁ ଦେଉ ନାହାନ୍ତି । ସେମାନେ ଝିଅ ଚାହାନ୍ତି ନାହିଁ ।" ଟିକିଏ କାନ୍ଦ କାନ୍ଦ ହୋଇ ସେ ପୁଣି କହିଲା, "ସେମାନେ କେବଳ ପୁଅ ଚାହାନ୍ତି । ମୁଁ ବର୍ତ୍ତମାନ ଏତେ ବଡ଼ ହୋଇଗଲିଣି । ସେମାନେ କେବେହେଲେ ମୋତେ ସ୍କୁଲକୁ ଯିବାକୁ ଦେବେନାହିଁ । ମୁଁ କିନ୍ତୁ ସ୍କୁଲକୁ ଯିବାକୁ ଚାହେଁ । ଏଟାନ୍ ଓ ମୀନାଃ ପରି ମୁଁ ମଧ୍ୟ ପଢ଼ିବାକୁ ଚାହେଁ । ବୁଢ଼ିଆଣୀମାନେ ହଳଦୀଆ ଫୁଲରେ କାହିଁକି ହଳଦୀଆ ଦେଖା ଯାଆନ୍ତି, ବାଉଁଶ ଗୁଡ଼ିକ କାହିଁକି ଶବ୍ଦ କରି ଉଠନ୍ତି, ଚନ୍ଦ୍ର କାହିଁକି ସବୁବେଳେ ପାହାଡ଼ ପଛରୁ ଉଠେ, ବିଲ ପାଣିରେ ଥିବା ଛୋଟ ଛୋଟ ମାଛ ଗୁଡ଼ିକ କାହିଁକି ବେଙ୍ଗ ପାଲଟି ଯାଆନ୍ତି..............................ଏ ସବୁ ମୁଁ ଜାଣିବାକୁ ଚାହେଁ ।"

ନଦୀ କହିଲା, "ରହ, ମୁଁ ଅଣ ନିଶ୍ୱାସୀ ହୋଇ ଯାଉଛି । ଏକାଥରେ ଏତେ ଗୁଡ଼ିଏ ପ୍ରଶ୍ନ ? ଚନ୍ଦ୍ର କେଉଁଠାକୁ ଯାଏ, ମୁଁ ଜାଣେ । ସେ ସମୁଦ୍ର ଆଡ଼କୁ ଯାଏ ।" ମୁଁ ତାକୁ ଦେଖିଛି, ସେ ସବୁବେଳେ ଗୋଟିଏ ରସ୍ତାରେ ଯାଏ, ପାହାଡ଼ ଉପରୁ ଉଠି ସମୁଦ୍ର ଭିତରକୁ ଠିକ୍ ମୋ ଭଳି ।"

Digitized by srujanika@gmail.com

Digitized by srujanika@gmail.com

କାନୁ ଟିକିଏ ବିରକ୍ତ ହୋଇ କହିଲା "ଛୋଟ ଘମୁ ମଧ୍ୟ ସ୍କୁଲକୁ ଯାଉଛି ।" ନଦୀ ଉତ୍ତର ଦେଲା, "ସ୍କୁଲଟା ଯଦି ସମୁଦ୍ର ପାଖରେ ହୋଇଥାନ୍ତା ତାହାହେଲେ ମୁଁ ତୋତେ ସେଠାକୁ ନେଇ ଯାଇ ଥାଆନ୍ତି, କିନ୍ତୁ ମୁଁ ଜାଣେ, ମୁଁ ପ୍ରକୃତରେ ତୋତେ ସାହାଯ୍ୟ କରି ପାରିବି ନାହିଁ, କାରଣ ତୋର ପାଦ ଦୁଇଟି ଭିଜିଯିବ । ତାହା ମୁଁ କେବେହେଲେ କରିବି ନାହିଁ । ହଁ, ଗୋଟିଏ ରାସ୍ତା ଅଛି, ତୁ ପାରିବୁ ?"

Digitized by srujanika@gmail.com

ଜାନୁ କହିଲା, "ମୁଁ ନିଶ୍ଚୟ ପାରିବି ।" ନଦୀ କହିଲା, "ସେଟା ତୋ ଉପରେ ନିର୍ଭର କରେ । ମୁଁ ଭାବୁଛି ଛୋଟ ପୁଅମାନେ ଯାହା କରନ୍ତି, ଝିଅମାନେ ମଧ୍ୟ ସେ ସବୁ କରି ପାରିବେ । ସେମାନଙ୍କ ଭଳି ପହଁରି ମଧ୍ୟ ପାରିବେ । ତୁ ଦିନେ ସକାଳୁ ଖସିଯାଇ ସ୍କୁଲରେ ବସ ଏବଂ ସେଠାରେ କ'ଣ ହେଉଛି ଶୁଣ । ହୋଇପାରେ, ଶିକ୍ଷକ ତୋତେ ଭିତରକୁ ଡାକି ବସାଇ ପାରନ୍ତି ।" ଜାନୁ ଦୀର୍ଘ ନିଶ୍ୱାସ ପକାଇ କହିଲା, "ତାହା ମୁଁ କେବେ ପାରିବି ନାହିଁ । ସେମାନେ ମୋତେ ସେଠାରୁ ଭୟ ଦେଖାଇ ତଡ଼ି ଦେବେ ।" ନଦୀ ହସି ଉଠିଲା, "ତୋର ପୁଣି ଭୟ କଣ ? ତୁ ତ ଶାଗୁଆ ଝିଂଟିପିଟିକୁ ଦେଖୁ, ବାଉଁଶ ବଣର ସାପକୁ ଦେଖୁ ଆଉ ବଡ଼ ବଡ଼ ରେଳଗାଡ଼ି ବିକଟାଳ ଶବ୍ଦ କରି ପୋଲ ଉପର ଦେଇ ଚାଲି ଯିବାର ଦେଖୁ । ସେତେବେଳେ ତୁ ତ ଭୟ ପାଉନା ! ରେଳଗାଡ଼ି ଗୁଡ଼ିକ ପ୍ରକୃତରେ ଜୋର ଶବ୍ଦ କରନ୍ତି । ମୋତେ ତ ପାଣି ଜାହାଜଭଲ ଲାଗେ ।"

ଜାନୁ କେବେ ଜାଣି ନ ଥିଲା ଯେ ବାଉଁଶ ବଣରେ ସାପ ଅଛନ୍ତି । ତେଣୁ ସେ କେବେହେଲେ ସେଥିପାଇଁ ବାଉଁଶ ବଣକୁ ଭୟ କରୁ ନ ଥିଲା । ସେ ନଦୀକୁ ପଚାରିଲା "ଜାହାଜ କ'ଣ ?"

ନଦୀ ଉତ୍ତର ଦେଲା, "ଏଗୁଡ଼ିକ ବଡ଼ ବଡ଼ ଡଙ୍ଗା ପରି, ଏତେ ବଡ଼ ଯେ, ଶହ ଶହ ଲୋକ ଧରି ଏଗୁଡ଼ିକ ସାରା ରାତି ଉଜ୍ଜ୍ୱଳ ବତୀ ଜଳାଇ ସମୁଦ୍ରରେ ଚାଲି ଥାଆନ୍ତି ।"

ଜାନୁ ନିଶ୍ୱାସ ନେଇ ପଚାରିଲା, "ସେ ଗୁଡ଼ିକ କ'ଣ ଏଠାକୁ ଆସିବେ ?"

ନଈ କହିଲା, "ସେ ଗୁଡ଼ିକ ଅନେକ ବଡ଼, ତେଣୁ ଏଠାକୁ ବୋଧହୁଏ ଆସି ପାରିବେ ନାହିଁ । ମୋ ଉପରେ ଚନ୍ଦୁର ଛୋଟ ଡଙ୍ଗା ଠିକ୍ ଚାଲି ପାରିବ । ଚନ୍ଦୁ ଦିନେ ତୋତେ ଜାହାଜ ଦେଖିବାକୁ ନେଇଯିବ ।"



Digitized by srujanika@gmail.com

ଜାନୁ କାନ୍ଦି ଉଠି କହିଲା, "ସେମାନେ କେବେହେଲେ ମୋତେ ଛାଡ଼ିବେ ନାହିଁ । ହେ ଭଗବାନ, ମୁଁ କାହିଁକି ଝିଅ ହେଲି ?" ନଈ ତାପରେ କହିଲା, "ପ୍ରଥମେ ସ୍କୁଲକୁ ଯିବାକୁ ଚେଷ୍ଟା କର । ମନେରଖ, ଏହା ତୋ ଉପରେ ନିର୍ଭର କରେ ।"

ନଈର ସ୍ୱର କ୍ରମଶଃ ଧୀର ହୋଇଗଲା । ଜାନୁ ବର୍ତ୍ତମାନ ଆଉ ସେ ସ୍ୱର ଶୁଣି ପାରୁ ନ ଥିଲା । ସେ ଆଖି ଦୁଇଟି ମଳି ଉଠି ବସିଲା । ତାକୁ ଏସବୁ ସ୍ୱପ୍ନପରି ମନେ ହେଉଥିଲା । ସେ ତାପରେ ପଥର ଢେଲା ଉପରେ ଚଢ଼ି ବାଉଁଶ ବଣ ଭିତର ଦେଇ ରାସ୍ତାକୁ ଆସିଲା । ଧାନ କିଆରୀ ଭିତରେ ଚାଲୁଥିବା ବେଳେ ତାର ମନେହେଲା ଯେପରି ନଈ ଖିଲିଖିଲି ହସୁଛି, ଖୁବ୍ ମୃଦୁ ମଧୁର ହସ ।

ନଦୀ ଯେପରି କରିବାକୁ କହିଥିଲା, ତାହା କରିବା ଏତେ ସହଜ ନ ଥିଲା । ତେବେ ଜାନୁ ସେପରି କରିଥିଲା । ସେଥିପାଇଁ ପ୍ରଥମେ ତାକୁ ବାପା କ୍ଷେତକୁ ଯିବା ପର୍ଯ୍ୟନ୍ତ ଏବଂ ମାଆ ରୋଷାଇ ଆରମ୍ଭ କରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ତା'ପରେ ସେ ମୀନାର ମାଆ ଦେଇଥିବା ଲାଲଫିତା ମୁଣ୍ଡରେ ବାନ୍ଧିଲା । ବଡ଼ବାପା ସକାଳୁ ଆମ୍ବ ଆଚାର ଓ ପଖାଳ ଖାଇ ଶୋଇ ପଡ଼ିଥିଲେ ।

ଛୋଟ ଆପୁ ତାର ବୁଢ଼ା ଆଙ୍ଗୁଳି ଚୁଷିବାରେ ବ୍ୟସ୍ତ ଥିଲା । ଏଟାନ ଓ ରାମୁ ଇତି ମଧ୍ୟରେ ସ୍କୁଲକୁ ଚାଲି ଯାଇଥିଲେ ।

Digitized by srujanika@gmail.com

Digitized by srujanika@gmail.com

ଏଟୋନ୍ ପ୍ରଥମେ ସ୍କୁଲ ଗଲାବେଳେ ଯେଉଁ ସ୍ଲେଟ ନେଇଥିଲା ତାକୁ ବର୍ତ୍ତମାନ ଗମୁ ବ୍ୟବହାର କରୁଥିଲା । ସେହି ସ୍ଲେଟକୁ ମଧ୍ୟ ବେଳେବେଳେ ଜାନୁ ଛବି ଆଙ୍କିବା ପାଇଁ ସମସ୍ତଙ୍କ ଅଜାଣତରେ ନେଇ ଆସୁଥିଲା । ସେଦିନ ଚୁପ୍‌ଚାପ୍ ବସି ସେ ଚନ୍ଦ୍ର ଡଙ୍ଗା, ବାଉଁଶ ବୁଦା ଏବଂ ସ୍କୁଲର ଛବି ଆଙ୍କୁଥିଲା । ସ୍ଲେଟ ଉପରେ ଛବି ଆଙ୍କିବା ସୁବିଧା ଜନକ, କାରଣ ବାର ବାର ଛବିକୁ ଲିଭାଇ ପୁଣି ଆଙ୍କି ହୁଏ । ଜାନୁ ତା'ପରେ ଆପୁକୁ ମସିଣା ଉପରେ ବସାଇ ଦେଇ ଜଙ୍ଗଲ ଆଡ଼କୁ ଦୌଡ଼ିଗଲା । ଆପୁ କିନ୍ତୁ ଜୋରରେ କାନ୍ଦି ଉଠିବାରୁ ସେ ଶୀଘ୍ର ଫେରି ଆସି ତାକୁ କୋଳରେ ନେଲା । ଆପୁ ଖୁସିରେ ଖିଲିଖିଲି ହୋଇ ହସି ଉଠିଲା ଏବଂ ଜାନୁର ମୁହଁକୁ ଆଦରରେ ମୁଥି ମାରିଲା ।

Digitized by srujanika@gmail.com

ଜାନୁ ଟିକିଏ ନିଶ୍ୱାସ ଗେକି କହିଲା, "ଦେଖୁଛି, ତୋତେ ମଧ୍ୟ ସାଙ୍ଗରେ ସ୍କୁଲ ନେବାକୁ ପଡ଼ିବ । ସେଠି ପହଞ୍ଚିବା ପରେ ମଧ୍ୟ ତୁ ଯଦି କାନ୍ଦୁ, ତା'ହେଲେ ମୁଁ ନିଶ୍ଚୟ ତୋତେ ଜଙ୍ଗଲରେ ଛାଡ଼ି ଦେବି । ଶୁଆମାନେ ଆସି ତୋତେ ନେଇଯିବେ ।"

ଅଣନିଶ୍ୱାସୀ ହୋଇ ଆସି ସେ ସ୍କୁଲରେ ପହଞ୍ଚିଲା ଏବଂ ଶିକ୍ଷକ ଯାହା ପଢ଼ାଉ ଥିଲେ କବାଟ ପାଖରେ ଠିଆ ହୋଇ ତାହା ଶୁଣିଲା । ଶିକ୍ଷକ ରାଜକୁମାର ଅଶୋକଙ୍କ ଗଳ୍ପ ଶୁଣାଉ ଥିଲେ । ପରେ ସେ ସମ୍ରାଟ ଅଶୋକ ନାମରେ ପ୍ରସିଦ୍ଧ ହୋଇଥିଲେ । ଆପୁ ତାର କାନ୍ଧ ଉପରେ ଶୋଇ ପଡ଼ିଥିଲା । ଜାନୁ ଧୀରେ ଧୀରେ ଘୁଞ୍ଚି ଆସି ଶେଷରେ କ୍ଲାସର ପଛ ଧାଡ଼ିରେ ପହଞ୍ଚିଲା ଏବଂ ଅନ୍ୟମାନଙ୍କ ସହିତ ଚଳେ ଚକାମାଡ଼ି ବସି ପଡ଼ିଲା । ଆପୁ ଶୋଇପଡ଼ି ଥିବାରୁ ଜାନୁ ମନଦେଇ ସବୁ ଶୁଣୁଥିଲା ।

ଶିକ୍ଷକ ପ୍ରଶ୍ନ ପଚାରୁ ଥିଲେ । ସମସ୍ତେ ବହି ଓଲଟାଇ ଉତ୍ତର ଦେବା ପାଇଁ ହାତ ଉଠାଉ ଥିଲେ । ପ୍ରଶ୍ନମାଳା ଶେଷହେବା ପରେ ଶିକ୍ଷକ କହିଲେ, "ତୁମମାନଙ୍କ ପାଇଁ ଗୋଟିଏ ଖୁସି ଖବର ଅଛି । ଆସନ୍ତା ସପ୍ତାହରେ ଆମେ ସମସ୍ତେ ରେଳଗାଡ଼ିରେ କୋଜିକୋଡ଼ ଯିବା । ସେଠାରେ ଆମେ ବଡ଼ ବଡ଼ାର ଟାଇଲ୍ କାରଖାନା ଦେଖିବା । ମୁଁ ମଧ୍ୟ ତୁମମାନଙ୍କୁ ସମୁଦ୍ର ଏବଂ ବତୀଘର ଦେଖାଇବି ।"

Digitized by srujanika@gmail.com

କ୍ଲାସ ରେ ସମସ୍ତେ ଆନନ୍ଦରେ ପାଟିକରି ଉଠିଲେ । "ସାର, ବତୀଘର କ'ଣ ? ଦୟାକରି ଆମକୁ କୁହନ୍ତୁ ।" ତନ୍ତୀପିଲା କୁଟୀ ଉଠି ପଚାରିଥିଲା । ଶିକ୍ଷକ କହିଲେ, "ଏହା ଏକ ଉଚ୍ଚଘର, ଦେଖିବାକୁ ପେନ୍‌ସିଲ୍ ପରି । ଏହାର ସବା ଉପରେ ଗୋଟିଏ ଉଜ୍ଜ୍ୱଳ ବତୀ ଜଳୁଥାଏ ଯାହାର ଆଲୋକ ଅନେକ ଦୂର ପର୍ଯ୍ୟନ୍ତ ଦେଖାଯାଏ । ସମୁଦ୍ର ମଧ୍ୟରେ ଜାହାଜମାନେ ଏହାକୁ ଦେଖି ଦିଗ ବାରି ପାରନ୍ତି ।" ନାନୁ ପଚାରିଲା, "ଜାହାଜ କ'ଣ ଦେଖିବାକୁ ଡଙ୍ଗା ପରି ?" ଜାନୁର ମାଆ ଜଙ୍ଗଲ ପାଖରେ ଗୋଟିଏ ଜାଗା ସଫା କରି ଏକୁଟିଆ ରହୁଥିଲେ । ସବୁଦିନେ ସେ ଦୁଇ ମାଇଲ ବାଟ ଚାଲି ସ୍କୁଲକୁ ଆସୁଥିଲା ଓ ଘରକୁ ଫେରୁଥିଲା । ଶିକ୍ଷକ ପଚାରିଲେ, "ଆଚ୍ଛା, ନାନୁ ପ୍ରଶ୍ନର ଉତ୍ତର କିଏ ଦେଇ ପାରିବ ?" ଜାନୁ ନିଜର ଭୟ, ଲଜ୍ୟା ଓ ଛୋଟ୍ ଆପୁ କଥା ଭୁଲିଯାଇ ସ୍ପଷ୍ଟ ଭାବେ ଉତ୍ତର ଦେଲା, "ଏଟା ଡଙ୍ଗା ଅପେକ୍ଷା ଅନେକ ବଡ଼ । ଏତେ

Digitized by srujanika@gmail.com

ବଡ଼ ଯେ ଏହା ଭିତରେ ଶହ ଶହ ଲୋକ ରହି ପାରିବେ ଏବଂ..........." ଜାନୁ ତାର କଥା ପୂରା ନ କରି ରହିଗଲା ।

ସମସ୍ତଙ୍କ ଆଖି ତା ଉପରେ ଥିଲା । ସେ ଯେତେବେଳେ ଉଠି ପଡ଼ି ଉତ୍ତର ଦେଲା, ଛୋଟ ଆପୁର ନିଦ ମଧ୍ୟ ଭାଙ୍ଗି ଯାଇଥିଲା । ସେ ଟିକିଏ କାନ୍ଦିଲା । ଏସବୁ ଦେଖି ଜାନୁ ଭୟଭୀତ ହୋଇ ପଡ଼ିଲା ।

ଶିକ୍ଷକ ପଚାରିଲେ, "ଝିଅ, ତୁ ହଠାତ୍ କେଉଁଠୁ ଚାଲି ଆସିଲୁ ? ତୋର ନାଁ କ'ଣ ? ତୁ ବୋଧେ କ୍ଲାସକୁ ନୂଆ ଆସିଛୁ । ତୁମ ସମସ୍ତଙ୍କୁ ମୁଁ ବାରମ୍ବାର କହୁଛି, ତମର ଛୋଟ ଭାଇ ଭଉଣୀ ମାନଙ୍କୁ ସାଙ୍ଗରେ ଏଠାକୁ ନ ଆଣିବା ପାଇଁ । ସେ ଛୋଟ ପୁଅଟି କାହାର ? ତାକୁ ଏଠାକୁ କିଏ ଆଣିଛି ? ଉତ୍ତର ଦିଅ ।"

ଶିକ୍ଷକଙ୍କର ଚଷମା ପ୍ରାୟ ଖସି ପଡ଼ିବା ଉପରେ ଥିଲା । ସାରା କ୍ଲାସ ମନେ ହେଉଥିଲା ଛୋଟ ଛୋଟ ଚିକ୍‌କଣ କଳା ମୁଣ୍ଡ ମାନଙ୍କର ଜଙ୍ଗଲ ପରି । ମୁଣ୍ଡ ଗୁଡ଼ିକ ଏପଟ ସେପଟ ହେଉଥିଲେ । କ୍ଲାସ ମଧ୍ୟରେ ଫୁସ୍‌ଫାସ୍ ଚାଲିଥିଲା । ଜାନୁ ଭୟରେ ଥରି ଥରି କହିଲା, "ସାର୍, ମୋର ନାମ ଜାନୁ । ସେ ମୋର ଛୋଟଭାଇ । ମୋର ତାକୁ କନ୍ଦାଇବା ଇଚ୍ଛା ନଥିଲା ? କେବେ ନୁହେଁ ।" ଗୋଟିଏ ପିଲା କହିଲା, "ସେ ଗୋପୀର ସାନ ଭଉଣୀ, ଗୋପୀ ଉପର କ୍ଲାସରେ ପଢେ ।" ଆଉ ଜଣେ କହିଲା, "ଇଏ ଜାନୁ ।"

Digitized by srujanika@gmail.com

ଆଉ ଜଣେ କହିଲା, "ସେ ଗୋପାଳନ୍ ମରସାଙ୍କର ଛୋଟ ଝିଅ ।" ଶିକ୍ଷକ କହିଲେ, "ଜାନୁ, ଏଠିକି ଆସ୍ । ଠିକ୍ ଅଛି, ତାକୁ ମଧ୍ୟ ସାଙ୍ଗରେ ଧରି ଆସ । ଏଠିକି, ମୋ ଟେବୁଲ ପାଖକୁ ଆସ । ଏବେ ତମେ ସମସ୍ତେ ଯାଅ ।"

ଜାନୁ ଭୟରେ ଥରି ଥରି ଶିକ୍ଷକଙ୍କ ପାଖକୁ ଗଲା । ଛୋଟ ଆପୁ ମଧ୍ୟ ତା'ର ଚାରି ପାଖରେ ନୂଆ ନୂଆ ଚେହେରା ଦେଖି ଭୟରେ କାନ୍ଦୁଥିଲା । ପିଲାମାନେ ଗୋଟିଏ ଧାଡ଼ି ବାନ୍ଧି ବାହାରକୁ ଚାଲିଗଲେ । ଜାନୁ ଶିକ୍ଷକଙ୍କ ପାଖରେ ଏକା ଥିଲା । ଟିକିଏ ସାହସ ପାଇବା ପାଇଁ ସେ ଛୋଟ ଆପୁକୁ ଚାପି ଧରିଲା । ସେ ବର୍ତ୍ତମାନ ଆଉ ସ୍କୁଲକୁ ଯିବାପାଇଁ ଚାହୁଁ ନ ଥିଲା । କୌଣସି ପିଲା ନ ଥିବା ସ୍କୁଲ ତା ପାଇଁ ଖୁବ୍ ଭୟଙ୍କର ଥିଲା ।

Digitized by srujanika@gmail.com

ଶିକ୍ଷକ ଚଷମା ଉପରୁ ତାକୁ ଅନାଇ କହିଲେ, "ତୁ ତାହାହେଲେ ଗୋପୀର ସାନ ଭଉଣୀ । ଗୋପୀ ଖୁବ୍ ଭଲ ପିଲା । ମୋର ମନେହୁଏ, ତୁ ଏଠାରେ ଅଛୁ ବୋଲି ବୋଧେ ସେ ଜାଣି ନାହିଁ । ମୁଁ ଭାବୁଛି, ତୋର ମାଆ ହୁଏତ ଭାବୁଥିବେ ତୁ ଓ ତୋର ଛୋଟ ଭାଇ ହଜି ଗଲଣି । ଆଚ୍ଛା କହିଲୁ, ତୁ ଆଗରୁ ସ୍କୁଲ କାହିଁକି ଆସୁ ନ ଥିଲୁ ।"

ଶିକ୍ଷକ ଗୋଟିଏ ପେନ୍‌ସିଲ ଛୋଟ ଆପୁ ଆଡ଼କୁ ଦେଖାଇଲେ । ସେ ପ୍ରଥମେ ଡରି ଡରି ତାଙ୍କ ଆଡ଼କୁ ଚାହିଁଲା ଏବଂ ଶେଷରେ ତାର ଛୋଟ ଛୋଟ ଆଙ୍ଗୁଳିରେ ସେଇଟିକୁ ଚାପି ଧରିଲା ।

ଶିକ୍ଷକ ଜାନୁଠାରୁ ସେ କିପରି ସ୍କୁଲ ଆସି ପାରୁ ନ ଥିଲା, ସେ ସବୁ ଶୁଣିଲେ । ସେତେବେଳକୁ ଦିନ ଗଡ଼ି ଯାଇଥିଲା । ସେ ଯେତେବେଳେ ଘରେ ପହଞ୍ଚିଲା, ତାର ମାଆ ଏତେ ବ୍ୟସ୍ତ ହୋଇ ଯାଇଥିଲେ ଯେ ତାକୁ ଦେଖି ଶାନ୍ତି ପାଇଲେ ଓ ତାକୁ ଗୁଡ଼ାଏ ଗାଳି ଦେଲେ । ତାର ବାପା ବିରକ୍ତ ହୋଇ କହିଲେ, "ସବୁ କାମଦାମ ଛାଡ଼ି ସେ ସବୁବେଳେ ବୁଲୁଛି । ଏଥିଲାଗି ଦିନେ ସେ ମାଡ଼ ଖାଇବ ।" ତାର ବାପା ଯେଉଁଦିନ ଘରକୁ କ୍ଳାନ୍ତ ହୋଇ ଫେରି ଯାଆନ୍ତି, ଏହିପରି କହନ୍ତି ।

କିନ୍ତୁ ଜାନୁ କେଉଁଠିକୁ ଯାଇଥିଲା, ସେ କଥା କେବଳ ସେ ହିଁ ଜାଣିଥିଲା । ତେନ୍ତୁଳି ପାଣିରେ ଚକ୍ ଚକ କରି ମସିଣା ତଳେ ଲୁଚେଇ ରଖିଥିବା ତମ୍ବା ପଇସାଟି ପରି ଏହି କଥାଟି ମଧ୍ୟ ସେ ଗୋପନ ରଖିଲା । ଗୋପୀ ସ୍କୁଲରୁ ଫେରିବା ପରେ ସମସ୍ତେ ତାର ସ୍କୁଲ ଯିବା ବିଷୟ ଜାଣି ପାରିଲେ ।

କିନ୍ତୁ ଶିକ୍ଷକ ତାକୁ କ'ଣ କହିଥିଲେ, ସେ କଥା କେହି ଜାଣି ପାରି ନ ଥିଲେ । ସେ ତାର ମନ କଥାକୁ ମନ ଭିତରେ ଚାପି ରଖିଥିଲା, ଠିକ୍ ସୂର୍ଯ୍ୟ କିରଣରେ ଚକ୍ ଚକ କରୁଥିବା ତମ୍ବା ପଇସା ପରି । ଶିକ୍ଷକ ତାକୁ କହିଥିଲେ, "ଜାନୁ, ତୁ ଯଦି ପ୍ରକୃତରେ ସ୍କୁଲ ଆସିବାକୁ ଚାହୁଁ, ମୁଁ ତୋ ବାପାଙ୍କ ସହିତ କଥାବାର୍ତ୍ତା କରିବି । ତୁ ବ୍ୟସ୍ତ ହଅନା । ଆମେ ନିଶ୍ଚୟ ଗୋଟିଏ ରାସ୍ତା ବାହାର କରିବା ।"

ମୀନା ଜାନୁ କଥା ଶୁଣି ହସିଥିଲା । ମୀନା ସବୁବେଳେ ବହୁତ ହସେ, ଏବଂ ସେତେବେଳେ ତାର ଦୁଇ ଗାଲରେ ଭଉଁରୀ ହୋଇ ପୁଣି ଗଳିଯାଏ । ମୀନା କହିଲା, ଜାନୁ ଯେପରି ସ୍କୁଲ ଯାଇଥିଲା, ସେ କଥା ଗାଆଁରେ ସମସ୍ତେ ଜାଣି ଗଲେଣି । ମୀନାର ବାପା କହିଲେ, "ପୁଅ ପିଲାମାନଙ୍କର ମଧ୍ୟ ଏପରି ସାହସ ହେବ ନାହିଁ ।" ତାର ମାଆ କହିଲେ, "ସେ ବଡ଼ ହେବା ପର୍ଯ୍ୟନ୍ତ ଅପେକ୍ଷା କର, ସେ ଏ ଗାଆଁର ନାଁ ପକେଇବ ।"

ମୀନା ଜାନୁକୁ କହିଲା, "ଚାଲ, ପୋଖରୀରେ ଯାଇ ଟିକିଏ ପହଁରିବା । ପୋଖରୀ ପର୍ଯ୍ୟନ୍ତ ଦୌଡ଼ିଯିବା । ସେ ପାଣି ଭିତରକୁ ଜାନୁକୁ ଟାଣି ନେଲା । ପୋଖରୀର ସେକୂଳ ପର୍ଯ୍ୟନ୍ତ ପହଁରି ଯାଇ ପୁଣି ସେମାନେ ଫେରି ଆସିଲେ । ମୀନା କହିଲା, "ସ୍କୁଲରେ ଭାରୀ ମଜା ଲାଗେ । ତୋତେ ସେଠାରେ ଭଲ ଲାଗିବ । ମୁଁ ଭାବୁଛି ତୋର ବାପା ତୋତେ ନିଶ୍ଚୟ ଯିବାକୁ ଦେବେ । ମୋ ବାପା କହନ୍ତି ଯଦି ପ୍ରକୃତରେ ପରିଶ୍ରମ କରି ପଢ଼ିବ, ତେବେ ବହୁତ ପାଠ ପଢ଼ି ପାରିବ, ଏପରିକି ହାଇସ୍କୁଲ ପର୍ଯ୍ୟନ୍ତ ଯାଇ ପାରିବ ।"

Digitized by srujanika@gmail.com

ହାଇସ୍କୁଲ କ'ଣ ଜାନୁ କିଛି ଜାଣି ନ ଥିଲା । ତଥାପି ସେ ପଚାରିଲା, ହାଇସ୍କୁଲ ପରେ ?" ଏହାର ଉତ୍ତର ମୀନା ଜାଣି ନ ଥିଲା ।

ତା ପର ଦିନ ସନ୍ଧ୍ୟାବେଳେ ଜାନୁ ଯେତେବେଳେ ଲ୍ୟାମ୍ପ ଲଗାଉଥିଲା, ସେତେବେଳେ ଦେଖିଲା, ସ୍କୁଲ ଶିକ୍ଷକ ପାହାଚ ଉପର ଦେଇ ତାଙ୍କର ଫାଟକ ଆଡ଼କୁ ଆସୁଛନ୍ତି । ସେ ବତୀ ଜଳାଇ ସାମନା ବାରଣ୍ଡାରେ ପାହାଚ ଉପରେ ରଖିଲା । ଗୋଟିଏ ଛୋଟ ଆଲୋକ ତାଙ୍କ ଘରକୁ ଆଶୀର୍ବାଦ ଦେବାପରି ମନେ ହେଉଥିଲା । ବଡ଼ ବାପା ତୁଳସୀପତ୍ର କାନରେ ଖୋସି ପ୍ରାର୍ଥନା କରୁଥିଲେ । ଏଟାନ୍ ଓ ରମ୍ମୁ ମଧ୍ୟ ପାଖରେ ଥିଲେ । ଛୋଟ ରମୁ କିନ୍ତୁ ଠିକ୍ ଭାବେ ଶବ୍ଦ ଉଚ୍ଚାରଣ କରି ପାରୁ ନ ଥିଲା । ସେ ନିଜେ ମଧ୍ୟ ଉତ୍ତେଜିତ ଥିବାରୁ ଠିକ୍ ଭାବେ ପ୍ରାର୍ଥନା କରି ପାରୁ ନ ଥିଲା । ଏକୁଟିଆ ବସି ସେ ପ୍ରାର୍ଥନା କରିପାରେ । ବଡ଼ ପାଟିରେ ନ ହେଲେ ମଧ୍ୟ ଧୀର ଗଳାରେ ସେ ପ୍ରାର୍ଥନା ସବୁ ବୋଲି ପାରୁଥିଲା, ଏବଂ ଭାବୁଥିଲା ଭଗବାନ ତାର ପ୍ରାର୍ଥନା ଶୁଣି ପାରୁଛନ୍ତି ।

Digitized by srujanika@gmail.com

ବାପା ବ୍ୟସ୍ତ ହୋଇ ଗାଲ କୁଣ୍ଡାଉ ଥିବାର ସେ ଦେଖି ପାରୁଥିଲା । ଶିକ୍ଷକ ମୁଣ୍ଡ ହଲଇ କିଛି କହୁଥିଲେ ଯାହା ସେ ବୁଝି ପାରୁ ନ ଥିଲା । ତା'ପରେ ଶିକ୍ଷକ ତା'ର ବାପାଙ୍କୁ ପାନ ଓ ଗୁଣ୍ଡି ଖାଇବାକୁ ଦେଲେ । ବାଉଁଶ ବାଡ଼ ପାଖରେ ବସି ସେମାନେ ପାନ ଚୋବାଉ ଥିଲେ ।

ମାଆ କହିଲେ, "ଜାନୁ, ତୁ ସ୍କୁଲକୁ ଗଲେ ମୋତେ ଖୁବ ଏକୁଟିଆ ଲାଗିବ । ସେମାନେ କହନ୍ତି, ଆଜିକାଲି ଝିଅମାନେ ମଧ୍ୟ ପୁଅ ପିଲାଙ୍କ ପରି ପଢ଼ିବା ଉଚିତ । ମୁଁ ଯେତେବେଳେ ତୋର ବୟସର ହୋଇଥିଲି, ମୁଁ ମଧ୍ୟ ସ୍କୁଲକୁ ଯିବାକୁ ଚାହିଁଥିଲି । କିନ୍ତୁ ତୋର ଆଈ ମନା କରିଥିଲେ । ବର୍ତ୍ତମାନ କିନ୍ତୁ ମୁଁ ଖୁସି, କାରଣ ଶିକ୍ଷକ ତୋର ବାପାଙ୍କ ସହିତ କଥାବାର୍ତ୍ତା କରିବାକୁ ଆସିଛନ୍ତି । କାଲି ମଧ୍ୟ ତୁ ଯେତେବେଳେ ମୀନା ଘରେ ଥିଲୁ ସେ ଆସିଥିଲେ । ତାଙ୍କ ମତରେ ତୁ ଗୋପୀ ପରି ପଢ଼ି ପାରିବୁ । ମୁଁ ଚାହେଁ ମୀନାର ବାପାଙ୍କ ପରି ଗୋପୀ ମଧ୍ୟ ବଡ଼ ହୋଇ ପରୀକ୍ଷାରେ ପାଶ୍ କରି ବଡ଼ ବଡ଼ କୋଠାରେ କାମ କରୁ । ସେ ଜାଗା ଏଠାରୁ ବହୁତ ଦୂର, ନାଆଁ ଦିଲ୍ଲୀ । ଏତେ ଦୂର ଯେ ରେଳଗାଡ଼ିରେ ଗଲେ ପହଞ୍ଚିବାକୁ ତିନି ଦିନ ଲାଗେ ।"

Digitized by srujanika@gmail.com

"ଆଚ୍ଛା ଜାନୁ, ତୁ ବର୍ତ୍ତମାନ ସ୍କୁଲ ଯାଇ କ'ଣ କରିବୁ ? ତୋର ନାଆଁ ଲେଖି ଶିଖିବୁ । ହୁଏତ ମୀନାର ମାଆଙ୍କ ପରି ବଡ଼ ମେସିନରେ ସିଲଇ କରିବା ଶିଖିବୁ । କିନ୍ତୁ ମେସିନ୍ କିଣିବା ପାଇଁ ଆମର ତ ପଇସା ନାହିଁ । ଏଣୁ ସେ ସବୁ ଭାବି କିଛି ଲାଭ ନାହିଁ । ଆଚ୍ଛା, ତୁ ଯଦି ତୋର ମନ ସ୍ଥିର କରିଛୁ, ତୋତେ କେହି ଅଟକାଇ ପାରିବେ ନାହିଁ ।" ତା'ପରେ ଆପ୍ପୁ ପାଇଁ ମାଆ ଗୀତଟିଏ ଗାଇ ଶୁଣାଇଲେ:

ଟିକି କୋଇଲି ମୋର ଟିକି କଳା ଚଢ଼େଇ,
ଋତୁ ବଦଳିଛି, ତୁ କ'ଣ ଜାଣି ନାହୁଁ କି ?
ପବନ ଆସୁଛି, ବରଷା ଆସୁଛି
ବସା ବାନ୍ଧିବାକୁ ମନେ ନାହିଁ କି ?

Digitized by srujanika@gmail.com

ଜାନ୍ ଆନନ୍ଦରେ ମାଆ ବୋଲି ଚିତ୍କାର କରି ମାଆଙ୍କ ଗଳାରେ ଝୁଲି ପଡ଼ିଲା ଏବଂ କହିଲା, "ବଡ଼ ହେଲେ ମୁଁ ମଧ୍ୟ ଶିକ୍ଷକ ହେବି । ଗାଆଁରେ ଘର ଘର ବୁଲି ଛୋଟ ଛୋଟ ଝିଅମାନଙ୍କୁ ମୋ ସ୍କୁଲକୁ ଆସିବା ପାଇଁ କହିବି । ମା', ତମେ ଦେଖିବ, ମୁଁ ବର୍ତ୍ତମାନ ଯାହାସବୁ ଶିଖିବି, ସେମାନଙ୍କୁ ସବୁ ପଢ଼ାଇବି ।"

ପରଦିନ ସକାଳେ ସ୍କୁଲ ଆରମ୍ଭ ହେବା ଆଗରୁ ଜାନ୍ ଡେଇଁ ଡେଇଁ ପଡ଼ିଆ ମଧ୍ୟ ଦେଇ ଯାଇଥିବା ଗଣ୍ଡା ବାଟେ ଗଲା ଏବଂ ତାର ପରିଚିତ ପଥର ମୁଣ୍ଡିଆ ଉପରେ ଯାଇ ବସିଲା । ମୁଣ୍ଡ ବାଳରେ ତାର ଲାଲ ଫିତା ଏବଂ ଗୋଟିଏ ହଳଦିଆ ଫୁଲ ଖୋସିଥିଲା ।

Digitized by srujanika@gmail.com

ସେ ନଦୀକୁ କହିଲା, "ମୁଁ ଭୟ ପାଇଁ ଯାଇଥିଲି, କିନ୍ତୁ ମୁଁ ପାରିଛି । ସେମାନେ ମୋତେ ସ୍କୁଲକୁ ଯିବାକୁ ଦେଉଛନ୍ତି । ମୁଁ ମୋର ନାମ କିପରି ଲେଖିବାକୁ ହୁଏ, ଅଙ୍କ କିପରି କରଯାଏ, ଧାନ କ୍ଷେତର ଛୋଟ ଛୋଟ ମାଛ ଗୁଡ଼ିକ କାହିଁକି ବେଙ୍ଗ ପାଲଟି ଯାଆନ୍ତି—ଏସବୁ ଶିଖିବାକୁ ଯାଉଛି । ମୁଁ ବତୀଘର ମଧ୍ୟ ଦେଖିବି ଏବଂ ଦିନେ ଜାହାଜ ମଧ୍ୟ ଦେଖିବି ।" ମୁଣ୍ଡ ହଲେଇ ହଲେଇ ସେ ନଦୀକୁ କହୁଥିଲା ।

ନଦୀ କିନ୍ତୁ ମାଟି ମଟାଳ ଦେଇ ବୋହି ଚାଲି ଥିଲା । ତାହାର ଗତିପଥ ବାଉଁଶ ବଣ ଏବଂ ନଡ଼ିଆ ବଗିଚା ମଧ୍ୟରେ ସବୁଜ ବର୍ଣ୍ଣ ଧାରଣ କରିଥିଲା । ଜାନୁ ତା ମୁଣ୍ଡ ବାଳରୁ କୃଷ୍ଣଚୂଡ଼ା ଫୁଲ ବାହାର କରି ଧରିଲା । ତା ପରେ ନଦୀକୁ କହିଲା, "ମୋର ପ୍ରିୟ ନଦୀ, ଏହି ଫୁଲଟିକୁ ମୋ ପାଇଁ ତୁମେ ସମୁଦ୍ରକୁ ନେଇ ଯାଅ । ଶୀଘ୍ର ଯାଅ, ନ ହେଲେ ତୁମେ ହୁଏତ ସେଠାରେ ପହଞ୍ଚି ପାରିବ ନାହିଁ ।"

ସେ ଫେରି ଆସୁଥିବା ବେଳେ ପଛକୁ ଚାହିଁ ଦେଖିଲା, ଧଳା ଏବଂ ହଳଦିଆ ରଙ୍ଗର ଫୁଲଟି ଜଳ ସ୍ରୋତରେ ଭସି ଭସି ଯାଉଛି । ତାର ମନେହେଲା, ଯେଉଁଦିନ ନଦୀ ତା ସହିତ କଥା କହିଥିଲା, ସେଦିନ ସେ ସ୍ୱପ୍ନ ଦେଖୁଥିଲା । ଆଜି କିନ୍ତୁ ସେ ପ୍ରକୃତରେ ମୁଣ୍ଡ ବାଳରେ ଲାଲ ଫିତା ଲଗାଇ ସ୍କୁଲ ଯାଉଛି—ଏଟା ସ୍ୱପ୍ନ ନୁହେଁ ।

Digitized by srujanika@gmail.com

Digitized by srujanika@gmail.com

ଧାନ କ୍ଷେତ ଦେଇ କାନ୍ନୁ ଦୌଡ଼ି ଯାଉଥିଲା । ତାର ମନେ ହେଉଥିଲା, ପଛରୁ ଯେପରି ସେ ନଦୀର ମୃଦୁ କଳକଳ ଧ୍ୱନୀ ଶୁଣି ପାରୁଛି । ନଦୀ କହୁଥିଲା, "ଛୋଟ ଝିଅଟି ମୋର, ପୁଣି ମୋ ପାଖକୁ ଆସିବୁ । ଜାହାଜ ଗୁଡ଼ିକ ସମୁଦ୍ରରେ କିପରି ଯାଆନ୍ତି, ସେ ସବୁ କଥା ମୁଁ ତୋତେ କହିବି ।" ଏ ଶବ୍ଦ ହୁଏତ ସକାଳର ଧୀର ପବନର, ଯାହା ଧାନ କ୍ଷେତ ଭିତରେ ଧୀରେ ଧୀରେ ବହି ଯାଉଥିଲା ।

Digitized by srujanika@gmail.com